# ପିଲାଙ୍କ ଧରିତ୍ରୀ

ଶନିବାର, ୨୯ ଅକ୍ଟୋବର, ୨୦୨୨




# ଖିଲି ଖିଲି ହସ

**ମଣ୍ଟୁ:** ଉଦାସ ହୋଇ କାହିଁ ବସିଛୁ ପିଣ୍ଟୁ?
**ପିଣ୍ଟୁ:** କାଲି ଜଣେ ନ୍ୟୁଜ୍ ଆଙ୍କର କହିଥିଲେ, ଆସନ୍ତୁ ଆମେ ଆପଣଙ୍କୁ ଗୋଆ ନେଇଯିବୁ। ମୁଁ ରେଡି ହୋଇ ବସିଛି ହେଲେ ତାଙ୍କର ଦେଖାନାହିଁ।

କଞ୍ଜୁସ୍‌ଙ୍କୁ ଯେତେବେଳେ ଜୋର୍‌ରେ କରେଣ୍ଟ ଲାଗିଲା, ସେଠି ତାଙ୍କ ସ୍ତ୍ରୀ ଆସି କହିଲେ ତୁମେ ଠିକ୍ ଅଛ ତ? କଞ୍ଜୁସ୍ ସଙ୍ଗେ ସଙ୍ଗେ କହିଲା- ଫାଲ୍‌ତୁ କଥା ଛାଡ଼ି ମିଟର ଦେଖ କେତେ ୟୁନିଟ୍ ବଢ଼ିଲା।

ରାଜୁ ଗୋଟିଏ ସେଲୁନ୍ ଖୋଲିଲା। ଜଣେ ଗ୍ରାହକ ଦାଢ଼ି କାଟିବାକୁ ଆସିଲେ। ରାଜୁ-ନିଶ ରଖିବି?
ଗ୍ରାହକ -ହଁ
ରାଜୁ ଗ୍ରାହକର ନିଶ କାଟି ହାତରେ ଦେଇ କହିଲା ନିଅ ତମ ନିଶ କେଉଁଠି ରଖିବ ରଖ।

# ପୁଅ ପତଳା ହେଲା

ଗପ

ମା'ଟିଏ ପୁଅଟିଏ। ଦୁହିଁଙ୍କ ଭିତରେ ଭଲପାଇବା ଅଗାଧ। ବିଶେଷକରି ପୁଅର ଖାଇବା ପ୍ରତି ମା' ସବୁବେଳେ ନଜର ଦିଅନ୍ତି। ସେ କିପରି ଭଲରେ ଖାଇବ ଓ ବେଶି ଖାଇବ ତାହାକୁ ନେଇ ତାଙ୍କର ଭାରି ଚିନ୍ତା। ଏଣୁ ତା' ପସନ୍ଦ ମୁତାବକ ମା' ନାନାପ୍ରକାର ଖାଇବା ଜିନିଷ ବନାନ୍ତି। ପୁଅ ଖାଇ ବସିଲେ ତା' ପାଖରେ ବସି ବଳେଇ ବଳେଇ ଅଧିକ କରି ଖୁଆନ୍ତି।

ଏମିତି କିଛିଦିନ ପରେ ସେ ମୋଟା ହୋଇଗଲା। ତା'ଠାରେ ନାନାଦି ରୋଗ ଦେଖାଦେଲା। ତେଣୁ ସେ ଡାକ୍ତରଙ୍କ ପାଖକୁ ଗଲା। ଡାକ୍ତର ତାକୁ ପରୀକ୍ଷା କଲେ ଓ ଖାଇବା ବିଷୟରେ ପଚାରିଲେ। ପୁଅ ସବୁ କଥା କହିଲା ଯେ ସେ ପ୍ରତି ବକ୍ତରେ ଦଶଟି କରି ରୁଟି ଖାଏ। ଏଣୁ ଡାକ୍ତର ତାକୁ ଏକ୍ସରସାଇଜ୍ କରିବା ସହ ଖାଦ୍ୟ କମ୍ କରି ଦିନକୁ ଅତି ବେଶିରେ ଛଅଟି ରୁଟି ଖାଇବାକୁ ପରାମର୍ଶ ଦେଲେ।

ଘରକୁ ଫେରି ପୁଅ ମା'ଙ୍କୁ ସବୁ କଥା କହିଲା। ଏଣିକି ସେ ଥରକେ ଛଅଟି କରି ରୁଟି ଖାଇବାକୁ ଲାଗିଲା। ହେଲେ, ତା' ଦେହ କିଛି ବଦଳିଲା ନାହିଁ। ସେ ଯେଉଁ ମୋଟା କୁ ସେହି ମୋଟା ରହିଲା ଏବଂ ସେ ଆଉଥରେ ଡାକ୍ତରଙ୍କ ପାଖକୁ ଗଲା। ଏଥର ସେ ତାକୁ ଖାଇବା ଆହୁରି କମାଇ ୪ଟି ରୁଟି ଖାଇବାକୁ କହିଲେ। ପୁଅ ସେଇଆ କଲା। ହେଲେ, କିଛି ଫଳ ହେଲା ନାହିଁ। ଏଥର ଡାକ୍ତର ତାକୁ ଖାଇବା ଆହୁରି କମ୍ କରିଦେଇ ଦୁଇଟି କରି ରୁଟି ଖାଇବାକୁ



ପରାମର୍ଶ ଦେଲେ। ତଥାପି ସେ ଯେମିତି କି ସେମିତି ରହିଲା। ଏହାଦେଖି ଡାକ୍ତର ଆଶ୍ଚର୍ଯ୍ୟ ହୋଇଗଲେ। ଖାଇବା ଏତେ କମାଇବା ପରେ ବି ପୁଅ କାହିଁକି ପତଳା ହେଉନି ସେ ବୁଝିପାରିଲେନି। ଏଣୁ ସେ ବାହାରିଲେ ତା' ଘରକୁ ତା' ଖାଇବା ଜିନିଷ ପରଖି ଦେଖିବାକୁ। ସେଠାରେ ପହଞ୍ଚି ସେ ଯାହା ଦେଖିଲେ ସେଥିରେ ତାଙ୍କର ଆଶ୍ଚର୍ଯ୍ୟର ସୀମା ରହିଲା ନାହିଁ। କାରଣ ମା' ତିଆରି କରୁଥିବା ରୁଟି ଦୁଇଟି ଥିଲା ଅସମ୍ଭବ ଭାବେ ମୋଟା ମୋଟା।

ଡାକ୍ତର ତାଙ୍କୁ କାରଣ ପଚାରିଲେ। ଏଣୁ ମା' କହିଲେ, 'ପୁଅ ତ କେବଳ ରୁଟି ସଂଖ୍ୟା କମାଇବାକୁ କହୁଛି। ମୁଁ ତାହା କରୁଛି। ହେଲେ, ଆଗରୁ ଦଶଟି ରୁଟି ଯେତିକି ଅଟାରେ କରୁଥିଲି ଏବେ ସେତିକିରେ ଦୁଇଟି କରୁଛି। କାରଣ ପୁଅ ମୋତେ ଏ ବିଷୟରେ କିଛି କହିନି।'

ଏହା ଶୁଣି ଡାକ୍ତର ବହୁତ ହସିଲେ। ପୁଅ କାହିଁକି ପତଳା ହେଉନି ଏ କଥା ସେ ଏବେ ଜାଣି ପାରିଲେ। ମା'ଙ୍କୁ ମଧ୍ୟ ତାହା ବୁଝାଇଦେଲେ। ଏଣିକି ମା' ସେହି ଅନୁସାରେ କାମ କଲେ। ଆଗରୁ ଯେତିକି ଅଟାରେ ମା' ରୁଟି ବନାଉଥିଲେ ଏବେ ତା ଠାରୁ କମ୍ ଅଟାରେ ରୁଟି ପ୍ରସ୍ତୁତ କଲେ ଏବଂ ପୁଅକୁ ସେଥିରୁ ମାତ୍ର ଦୁଇଟି କରି ଖାଇବାକୁ ଦେଲେ। ଅନ୍ୟ ସବୁ ଖାଦ୍ୟ ନିୟନ୍ତ୍ରଣ କରିବା ଫଳରେ ମାସ ଗୋଟାକରେ ସେ ପତଳା ହୋଇଗଲା ଏବଂ ତା'ର ସବୁ ରୋଗ ମଧ୍ୟ ଧୀରେ ଧୀରେ ଭଲ ହୋଇଗଲା।

**-କନକଲତା ପରିଡ଼ା**
ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ:୯୯୩୭୩୦୧୪୬୦

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ

Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

## ମତାମତ

▸▸ 'ଦୀପାବଳିରେ ସତର୍କତା' ବିଷୟଟି ପଢ଼ି କେତେକ କଥା ଜାଣିବାକୁ ପାଇଲି। ଏଥର ବାଣ ନ ଫୁଟାଇ ଲିଚୁ, ଦୀପ ଓ ମହମବତି ଜାଳି ଦୀପାବଳି ପାଳନ କଲି।

**-ମୁକ୍ତା ଗଉଡ,** ଭୀମକେଲା, କଳାହାଣ୍ଡି

▸▸ ଏଥରର 'ପିଲାଙ୍କ ଧରିତ୍ରୀ' ଦୀପାବଳି ସମ୍ପର୍କିତ ହୋଇଥିବାରୁ ପଢ଼ିବାକୁ ଭଲ ଲାଗିଲା। ପ୍ରଚ୍ଛଦ ପୃଷ୍ଠାଟି ଚମତ୍କାର ହୋଇଛି।

**-ବଂଶୀତା ରାୟ,** ପାଣିକୋଇଲି, ଯାଜପୁର

▸▸ ଦୀପାବଳି ସମ୍ପର୍କିତ ସମସ୍ତ 'କବିତା' ମନଛୁଆଁ ହୋଇଛି।

**-ଅଶୋକ ମହାନ୍ତି,** ଖଣ୍ଡଗିରି, ଭୁବନେଶ୍ୱର

▸▸ 'ବିଦେଶରେ ଦୀପାବଳି' ବିଷୟରେ ପଢ଼ି ବିଦେଶରେ କିପରି ଭିନ୍ନ ଢଙ୍ଗରେ ଦୀପାବଳି ପାଳନ ହୁଏ ଜାଣିବାକୁ ମିଳିଲା।

**-ମାନସ ବଳିଆରସିଂ,** ମାଟିତୋଟା, ପୁରୀ



ର ଙ୍ଗ ଦି ଅ

# ଗଣିତଜ୍ଞ ଆଇନଷ୍ଟାଇନ୍

*ବିଶିଷ୍ଟ ଗଣିତଜ୍ଞ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ବିଂଶ ଶତାବ୍ଦୀରେ ପଦାର୍ଥ ବିଜ୍ଞାନରେ ବିପ୍ଳବ ଆଣିବାକୁ ଯାଇ ଥିଓରି ଅଫ୍ ରିଲେଟିଭିଟି ଆବିଷ୍କାର କରିଥିଲେ। ଜାଣି ରଖନ୍ତୁ ତାଙ୍କ ବିଷୟରେ ଆଉକିଛି ରୋଚକ ତଥ୍ୟ...*

❖ ଆଇନ୍‌ଷ୍ଟାଇନ୍ ଯେତେବେଳେ ଜନ୍ମ ହେଲେ, ତାଙ୍କ ମୁଣ୍ଡର ପଛଭାଗ ସାଧାରଣ ଶିଶୁଙ୍କଠାରୁ ଭିନ୍ନ ଥିଲା; ଯାହା ଦେଖି ସେ ମାନସିକ ଅନଗ୍ରସର ହୋଇପାରନ୍ତି ବୋଲି ପରିବାର ଲୋକଙ୍କର ଧାରଣା ହୋଇଥିଲା।



❖ ସେ ପିଲାବେଳେ ବହୁତ କମ୍ କଥା କହୁଥିଲେ। ଶବ୍ଦଗୁଡ଼ିକୁ ଧୀରେ ଧୀରେ କହିବା ସହ କୌଣସି କଥାକୁ ସଂପୂର୍ଣ୍ଣ ବାକ୍ୟରେ ସାରିବା ତାଙ୍କ ପକ୍ଷେ କଷ୍ଟ ଥିଲା। ୯ବର୍ଷ ବୟସରେ ସେ ସାଧାରଣ ଭାବେ କଥା କହିବା ଆରମ୍ଭ କଲେ।

❖ ସେ ୫ ବର୍ଷର ହୋଇଥିବା ବେଳେ ତାଙ୍କ ବାପା ତାଙ୍କୁ ଏକ କମ୍ପାସ ଦେଇଥିଲେ। ଏହାର ଛୁଞ୍ଚି ଦେଖି ସେ ବହୁତ ଆକର୍ଷିତ ହୋଇଥିଲେ। ଛୁଞ୍ଚିଟି ଗୋଟିଏ ବିନ୍ଦୁରେ ରହି ମଧ୍ୟ କିପରି ସମାନ ଭାବେ ବୃତ୍ତ ଅଙ୍କନ କରିପାରୁଛି, ଏକଥା ତାଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହାକୁ ବ୍ୟବହାର କରିବା ପରେ ବିଜ୍ଞାନ ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା।

❖ ଆଇନ୍‌ଷ୍ଟାଇନ୍ ତାଙ୍କ କଲେଜର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରି ନ ଥିଲେ। ସେ ଗଣିତ ଓ ବିଜ୍ଞାନରେ ଭଲ କରିଥିଲେ ହେଲେ ଇତିହାସ, ସାହିତ୍ୟ ଏବଂ ଭୂଗୋଳରେ ଫେଲ୍ ହୋଇଯାଇଥିଲେ।

❖ ସ୍ନାତକୋତ୍ତର ୯ବର୍ଷ ପରେ ମଧ୍ୟ ତାଙ୍କୁ କୌଣସି ଚାକିରି ମିଳି ନ ଥିଲା। ୧୯୦୫ ମସିହାରେ ତାଙ୍କର ଥିଓରି ଅଫ୍ ସ୍ପେଶିଆଲ୍ ରିଲେଟିଭିଟି ଏକ ଆର୍ଟିକିଲ୍ ରୂପେ ପ୍ରକାଶ ପାଇଥିଲା, ଯାହାକି ପର ମୁହୂର୍ତ୍ତରେ ଗାଣିତିକ ସୂତ୍ର ଭାବରେ ଲୋକପ୍ରିୟ ହୋଇପାରିଥିଲା। ଏହାପରେ ବି ସେ ୧୯୧୦ ମସିହାଯାଏଁ କୌଣସି ଚାକିରି ପାଇପାରି ନ ଥିଲେ।

❖ ପୁନର୍ବାର ମାଧ୍ୟାକର୍ଷଣ ଶକ୍ତିକୁ ନେଇ ୧୯୧୫ ମସିହାରେ ଆଇନ୍‌ଷ୍ଟାଇନ୍ ଥିଓରି ଅଫ୍ ଜେନେରାଲ୍ ରିଲେଟିଭିଟି ବାହାର କରିଥିଲେ, ଯାହାକି ପର ମୁହୂର୍ତ୍ତରେ ବିବାଦୀୟ ହୋଇ ରହିଥିଲା। ହେଲେ ୧୯୧୯ ମସିହାରେ ସୋଲାର ଏକ୍ଲିପ୍ସ ବା ସୂର୍ଯ୍ୟ ପରାଗ ସମୟରେ ସେ ଗବେଷଣା କରି ନିଜ ଥିଓରିକୁ ପ୍ରମାଣିତ କରିପାରିଥିଲେ। ଯାହାକି ତାଙ୍କୁ ବିଶ୍ୱରେ ପରିଚିତ କରାଇବାରେ ସାହାଯ୍ୟ କରିଥିଲା।

❖ ୧୯୨୧ ମସିହାରେ ପଦାର୍ଥ ବିଜ୍ଞାନରେ ତାଙ୍କୁ ନୋବେଲ୍ ପୁରସ୍କାର ମିଳିଥିଲା।

❖ ୧୯୫୫ ମସିହାରେ ଆବ୍‌ଡୋମିନାଲ୍ ଆର୍ଓଟିକ୍ ଏନ୍ୟୁରିଜମ୍ ରୋଗରେ ପୀଡିତ ହୋଇ ଆଇନ୍‌ଷ୍ଟାଇନ୍‌ଙ୍କ ମୃତ୍ୟୁ ହୋଇଥିଲା। ମୃତ୍ୟୁ ପୂର୍ବରୁ ତାଙ୍କର ଶେଷ କଥା ଥିଲା- ମୁଁ ଯେବେ ଚାହିଁବି ସେବେ ଯିବି। ଏହି କୃତ୍ରିମତା ଭିତରେ ଜୀବନ ଜିଇବା କଷ୍ଟକର। ମୋ ଲାଗି ଉଦ୍ଦିଷ୍ଟ ସମସ୍ତ କାର୍ଯ୍ୟ ମୁଁ ଭଲ ଭାବେ ତୁଲାଇଛି। ବର୍ତ୍ତମାନ ମୋର ଯିବା ସମୟ ଆସିଯାଇଛି।



# ସକାଳୁଆ ପାଠପଢା

ଭୋରୁ ଉଠି ପାଠ ପଢିଲେ ପାଠ ମନେ ରହିଥାଏ ବୋଲି ଅଭିଭାବକମାନେ ବିଶ୍ୱାସ କରନ୍ତି। ଏଥିପାଇଁ ସେମାନେ ପିଲାଙ୍କୁ ସକାଳୁ ସକାଳୁ ନିଦରୁ ଉଠାଇ ପାଠ ପଢାଇଥାନ୍ତି। ହେଲେ ଅଧିକାଂଶ ପିଲା ସକାଳୁ ଉଠି ପାଠ ପଢିବାକୁ ପସନ୍ଦ କରିନଥାନ୍ତି। କେହି ଉଠି ମନ ଧ୍ୟାନ ସହକାରେ ପାଠ ପଢେ ତ ଆଉ କିଏ ପାଠ ପଢିବାବେଳେ ଘୁମାଇ ପଡେ।

ବ୍ରାହ୍ମ ମୂହୁର୍ତ୍ତରେ ପରିବେଶ ଶାନ୍ତ ଥାଏ। ଯେଉଁଥିପାଇଁ ଏକାଗ୍ରତାରେ ପଢିବାବେଳେ ପାଠ ମନେ ରହିଯାଏ। ସକାଳୁ ଉଠିବା ଦ୍ୱାରା ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିଥାଏ। ମାଆବାପାଙ୍କ ମନରେ ଧାରଣା ରହିଥାଏ ଯେ, ଭୋରରୁ ଉଠି ପାଠ ପଢିବା ଦ୍ୱାରା ସେହି ପାଠ ସବୁବେଳ ପାଇଁ ମନେ ରହିଥାଏ। ସାଧାରଣତଃ ପିଲାମାନେ ସେମାନଙ୍କ ପରୀକ୍ଷା ସମୟରେ ଭୋରରୁ ଉଠି ପାଠ ପଢନ୍ତି। କିନ୍ତୁ ଅଧିକାଂଶ ପିଲା ଭୋରରୁ ଉଠି ପାଠ ପଢିବାବେଳେ ସେମାନଙ୍କୁ ନିଦ ଲାଗିଥାଏ। ନିଦ ଲଗିବା ଯୋଗୁ ସେମାନଙ୍କର ପାଠରେ ମନ ଲାଗି ନଥାଏ। ପାଠ ପଢିବା ପାଇଁ ଯେପରି ଶାନ୍ତ ପରିବେଶ ଦରକାର ସେହିପରି ବିଦ୍ୟାର୍ଥୀର ପାଠ ପଢିବା ପାଇଁ ଏକାଗ୍ରତା ଓ ଇଚ୍ଛାଶକ୍ତି ଦରକାର। ଆଉ ଯଦି ବାଧ୍ୟବାଧକତାରେ ଅଭିଭାବକଙ୍କ ଗାଳି କିମ୍ବା ପରୀକ୍ଷା ଟେନସନ୍‌ରେ ସେମାନେ ପାଠ ପଢିବାକୁ ବସନ୍ତି, ସେସବୁ କିଛି ମନେରହି ନଥାଏ। ତେବେ ଭୋରରୁ ଉଠି ପାଠ ପଢିବା ବିଷୟରେ ଏମାନେ ଯାହା କୁହନ୍ତି...

## ଚେଷ୍ଟା କରି ବି ଭୋରରୁ ପଢ଼ିପାରେନି



ପରୀକ୍ଷା ଆସିଗଲେ ମାମା ମାସେ ପୂର୍ବରୁ ଭୋରରୁ ଉଠାଇ ପାଠ ପଢିବାକୁ କୁହନ୍ତି। ରାତି ୪ଟାରୁ ଉଠି ପଢିବାବେଳେ ମୋତେ ବହୁତ ନିଦ ଲାଗେ। ସକାଳୁ ଥଣ୍ଡା ଲାଗୁଥିବାରୁ ଶୋଇବାକୁ ଇଚ୍ଛା ହୁଏ। ଯେତେ ଚେଷ୍ଟା କରି ମଧ୍ୟ ମୋ ଆଖି ଫିଟେ ନାହିଁ। ଆଉ ପଢିବାବେଳେ କିଛି ବି ମନେ ରୁହେନାହିଁ। ଆଉ ଦିନଯାକ ମୋତେ ଅଳସୁଆ ଲାଗେ। ସନ୍ଧ୍ୟା ସମୟରେ ମୁଁ ମନଦେଇ ୨ରୁ ୩ଘଣ୍ଟା ପିବାରେ ହେଲେ ସକାଳୁଆ ପାଠ ପଢିବାକୁ ମୋତେ ଭାରି କଷ୍ଟ ହୁଏ।

**–ନିରୁପମା ଦାସ,** କ୍ଲାସ୍–୩, ନୂଆସାହି ସରକାରୀ ପ୍ରାଥମିକ ବିଦ୍ୟାଳୟ, ଯାଜପୁର



## ନିଦ ଛାଡିବା ପାଇଁ ଅଙ୍କ କଷେ



ଭୋର ଉଠି ପାଠ ପଢିବା ଦ୍ୱାରା ମୋର ସବୁ ପାଠ ମନେ ରହିଯାଏ। ଭବିଷ୍ୟତରେ ଆଇପିଏସ୍ ଅଫିସର୍ ହେବାର ଲକ୍ଷ୍ୟ ରଖିଛି। ତେଣୁ ମୁଁ ମନଦେଇ ଏବେଠୁ ପାଠ ପଢୁଛି। ରାତିରେ ଶୀଘ୍ର ଖାଇଦେଇ ୧୦ଟା ସୁଦ୍ଧା ଶୋଇଯାଏ ଓ ସକାଳୁ ଉଠିବା ପାଇଁ ଆଲାର୍ମ ଦେଇଥାଏ। ଭୋର ୪ଟାରୁ ଉଠି ମୋର ସବୁ ନିତ୍ୟକର୍ମ ସାରିଦିଏ। ନିଦ ଛାଡିବା ପାଇଁ କିଛି ସମୟ ଯୋଗ ପ୍ରାଣାୟମ କରେ। ଟିକେ ବ୍ୟାୟାମ କରିଦେଲେ ମୋର ନିଦ ଛାଡିଯାଏ। ଏହାପରେ ଟିକେ ଜଳଖିଆ ଖାଇ ପଢିବାକୁ ବସିଯାଏ। ବେଶି ନିଦ ଲାଗିଲେ ମୁଁ ଅଙ୍କ କଷିଥାଏ। ସକାଳର ଶାନ୍ତ ପରିବେଶରେ ମୋତେ ପରୀକ୍ଷା ପାଇଁ ରିଭିଜନ କରିବାକୁ ଭଲଲାଗେ।

**–ଅୟାନ ପଣ୍ଡା,** କ୍ଲାସ୍–୩, ବିଜେଇଏମ୍ ଇଂଲିଶ ମିଡିୟମ ସ୍କୁଲ, ଭୁବନେଶ୍ୱର

## ସକାଳୁ ଉଠିବାକୁ ଚେଷ୍ଟା କରୁଛି



ସକାଳୁ ଜଲଦି ଉଠି ପଢିବା ମୋ ପାଇଁ ଭାରି କଷ୍ଟ କାମ। ମାଆଙ୍କ ଆକଟରେ ଯେତେ ବାଧ୍ୟବାଧକତାରେ ପଢିଲେ ମଧ୍ୟ ପାଠ ସବୁ ମନେ ରଖି ପାରେନି। ଭୋରୁ ଉଠିବା ଯୋଗୁ ଦିନଯାକ ମୋତେ ସ୍କୁଲ୍‌ରେ ନିଦଲାଗେ। ଆଉ ଦିନଯାକ ଅଳସୁଆମିରେ ଏମିତି କଟିଯାଏ କି ମୋତେ କୌଣସି କାମ କରିବାକୁ ଫୁର୍ତ୍ତି ଲାଗେ ନାହିଁ। ବେଶୀ ଭୋର ନହେଲେ ମଧ୍ୟ ସକାଳ ୬ଟାରୁ ଉଠିବାକୁ ଅଭ୍ୟାସ କରୁଛି।

**–ଜ୍ୟୋତିର୍ମୟୀ ପାତ୍ର,** କ୍ଲାସ୍–୫, ଏମ୍ଏଲଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଦୁଲାଖାପାଟଣା, ଯାଜପୁର

## ପଢ଼ିବା ପାଇଁ ବ୍ରାହ୍ମ ମୁହୂର୍ତ୍ତ ସବୁଠୁ ଭଲ ସମୟ



ପାଠ ପଢା ପାଇଁ ଦରକାର ଏକାଗ୍ରତା। ଆଉ ଏକାଗ୍ରତା ପାଇଁ ଭଲ ପରିବେଶ। ବ୍ରାହ୍ମ ମୁହୂର୍ତ୍ତ ଏଥିପାଇଁ ସବୁଠୁ ଭଲ। କାରଣ ଏହି ସମୟରେ ମନ ସ୍ଥିର ଥାଏ ଏବଂ କୌଣସି ବାହ୍ୟ ଶବ୍ଦ ନ ଥାଏ ପାଠ ପଢାରେ ବାଧା ସୃଷ୍ଟି କରିବା ଲାଗି। ତେଣୁ ଏହି ସମୟରେ ପଢାଯାଉଥିବା ପାଠ ସହଜରେ ମନେ ରହିଥାଏ। ଦେଖାଯାଏ ଅନେକ ପିଲା କେବଳ ପରୀକ୍ଷା ବେଳେ ଏହି ସମୟରେ ପଢନ୍ତି। ଆଉ କେତେକେ ଅଭିଭାବକଙ୍କ ଚାପରେ ବାଧ୍ୟରେ ପଢନ୍ତି। ହେଲେ ମନେ ରଖନ୍ତୁ ପିଲାଙ୍କୁ ଏହି ସମୟରେ ଗାଳି କରି ଅବା ଜବରଦସ୍ତ ପଢିବାକୁ କହିବା ଦ୍ୱାରା ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପଡିପାରେ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ରାତିରେ ସେମାନଙ୍କୁ ଠିକ୍ ସମୟରେ ଶୋଇବାକୁ କୁହନ୍ତୁ। ବିଳମ୍ବିତ ରାତି ପର୍ଯ୍ୟନ୍ତ ପଢି ପୁନର୍ବାର ଉଠି ପଢିବା ଦ୍ୱାରା ସେମାନଙ୍କ ନିଦ୍ରା ବ୍ୟାହତ ହୋଇଥାଏ। ମସ୍ତିଷ୍କକୁ ଆବଶ୍ୟକ ବିଶ୍ରାମ ନ ମିଳିବା ଯୋଗୁ ସ୍ମରଣ ଶକ୍ତି ହ୍ରାସ ହୋଇପାରେ। ତା'ଛଡା ଏହାଦ୍ୱାରା ଅନ୍ୟାନ୍ୟ ସ୍ୱାସ୍ଥ୍ୟ ସମସ୍ୟା ବି ଉପୁଜିପାରେ। ତେଣୁ ପିଲାଙ୍କୁ ରାତିରେ ଠିକ୍ ସମୟରେ ଶୋଇ ଶୀଘ୍ର ଉଠିବାକୁ ପରାମର୍ଶ ଦିଅନ୍ତୁ। କେବଳ ପରୀକ୍ଷା ସମୟରେ ନୁହେଁ ବରଂ ଧୀରେ ଧୀରେ ପିଲାଙ୍କୁ ପ୍ରତିଦିନ ଏହି ସମୟରେ ପଢିବାର ଅଭ୍ୟାସ କରାନ୍ତୁ।

**– ଡା. ଅଶ୍ରୁମୋଚନ ସାହୁ,** ମାନସିକ ରୋଗ ବିଶେଷଜ୍ଞ



୧




୨



୩



୭



୪



୫



୬



୮



**ଯାଜ୍ଞସେନୀ ଓଝା**
କ୍ଲାସ–୫, ସରସ୍ୱତୀ
ଶିଶୁ ମନ୍ଦିର,
ସତ୍ୟବିହାର,
ଭୁବନେଶ୍ୱର
୧



**ନିଷ୍ଠା ଦାଶ**
କ୍ଲାସ– ୭, ସେଣ୍ଟ
ଜାଭିୟର୍ସ କିଡ୍ସ,
ବାଲିପୁଟ,
ପୁରୀ
୨



**ଶାଶ୍ୱତ ଖଣ୍ଡୁଆଳ**
କ୍ଲାସ– ୪,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ,
ଭିଏସ୍ଏସ୍ନଗର,
ଭୁବନେଶ୍ୱର
୩



**ଅୟସକାନ୍ତ ସାହୁ**
କ୍ଲାସ– ୫,
କେନ୍ଦ୍ରୀୟ
ବିଦ୍ୟାଳୟ,
ପୁରୀ
୪



**ବୈଭବ ରାଉତରାୟ**
କ୍ଲାସ– ୪,
ଡିଏଭି ପବ୍ଲିକ ସ୍କୁଲ,
ଚନ୍ଦ୍ରଶେଖରପୁର,
ଭୁବନେଶ୍ୱର
୫



**କାହ୍ନା ନାଏକ**
କ୍ଲାସ– ୬,
ସରକାରୀ ଉଚ୍ଚ
ବିଦ୍ୟାଳୟ,
କୋଣାର୍କ
୬



**ଭାବନା ନନ୍ଦ**
କ୍ଲାସ– ୮,
ସେଣ୍ଟ ଜାଭିୟର୍ସ
ହାଇସ୍କୁଲ, କେଦାରଗୌରୀ,
ଭୁବନେଶ୍ୱର
୭



**ପ୍ରିନ୍ସ ପ୍ରତ୍ୟୁଷ ପରିଡ଼ା**
କ୍ଲାସ–୨, ଡିଏଭି
ସ୍କୁଲ,
ପୋଖରୀପୁଟ,
ଭୁବନେଶ୍ୱର
୮

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ୧୨ ଲକ୍ଷ ଦୀପ ଜଳାଇ ରେକର୍ଡ



**ଆ**ଲୋକର ପର୍ବ ଦୀପାବଳି। ଦୀପ ଦାନ ଦ୍ୱାରା ଆମେ ଦେବଦେବୀଙ୍କୁ ପୂଜା କରିବା ସହ ପୂର୍ବପୁରୁଷଙ୍କୁ ସ୍ମରଣ କରିଥାଉ। ପ୍ରତିବର୍ଷ ଦୀପାବଳିରେ ଅଯୋଧ୍ୟାରେ ଦୀପଦାନ ମହୋତ୍ସବ ପାଳନ କରାଯାଏ। ଏଠାରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ସମୂହ ଦୀପ ପ୍ରଜ୍ୱଳନ କରିଥାନ୍ତି। ପିଲାମାନେ, ତୁମେ ଜାଣି ଆଶ୍ଚର୍ଯ୍ୟ ହେବ ଗତ ବର୍ଷ ଦୀପୋତ୍ସବରେ ୧୨ଲକ୍ଷ ଦୀପଦାନ କରାଯାଇ ଏହା ଗିନିଜ୍ ରେକର୍ଡ ସୃଷ୍ଟି କରିଛି। ତେବେ ଏଥିପାଇଁ ରାମ ମନ୍ଦିରର ୩୨ ଘାଟରେ ୯ଲକ୍ଷ ଦୀପଦାନ ହେବା ସହ ଅଯୋଧ୍ୟାର ଅନ୍ୟ ସ୍ଥାନରେ ୩ଲକ୍ଷ ଦୀପଦାନ କରାଯାଇଥିଲା। ବହୁ ଶ୍ରଦ୍ଧାଳୁ ରାମ ମନ୍ଦିରରେ ଏବଂ ଅନ୍ୟ ସ୍ଥାନମାନଙ୍କରେ ଦୀପଦାନ କରିଥିଲେ। ୨୦୧୭ ମସିହାରୁ ଏଠାରେ ଦୀପଦାନ ଉତ୍ସବ ପାଳନ ହୋଇଆସୁଛି। ୨୦୧୭ରେ ୧ଲକ୍ଷ ୮୦ହଜାର, ୨୦୧୮ରେ ୩ଲକ୍ଷ ୧୧୫୨, ୨୦୧୯ରେ ୫ଲକ୍ଷ ୫୦ହଜାର, ୨୦୨୦ରେ ୫ଲକ୍ଷ ୫୧ହଜାର ଦୀପଦାନ କରାଯାଇଥିଲା।




### ଏଇଟି ଆମ ବହି

**ସ**ଭିଏଁ ଜାଣ ଭଉଣୀ ଭାଇ
ଏଇଟି ଆମ ବହି
ଅନେକ ଗୀତ ଅନେକ କଥା
ଅଛିରେ ଲେଖା ହୋଇ।
ହୋଇବ ଦିନେ ବଡ଼ ମଣିଷ
କରିବ ଯଦି ସାଥୀ
ପଢ଼ିବ ଯିଏ ଜାଣିବ ସିଏ
ଦେଶ ବିଦେଶ ନୀତି।
ବହିଟି ଆମ ଜୀବନ ପରି
ସେଥିରେ ଅଛି ଜ୍ଞାନ
ଜ୍ଞାନ ବଢ଼ିଲେ ହୋଇବ ଜ୍ଞାନୀ
ରଖିବା ଦେଶ ମାନ।
ପ୍ରଥମେ ପିଲେ ମାତୃଭାଷାର
ବହିଟି ଆଣ କିଣି
ତା'ପରେ ତୁମେ ଅନେକ କଥା
ପାରିବ ସିନା ଜାଣି।
ବିଜ୍ଞାନ ଅଙ୍କ ଭାଷା ଇଂରାଜୀ
ଜାଣିବା ସହଜରେ
ହୋଇବା ଭଲ ମଣିଷ ଆମେ
ରହିବା ମଉଜରେ।

**-ଜିତୁ ପ୍ରଧାନ**
ନୟାଗଡ଼ ସ୍ୱୟଂଶାସିତ
ମହାବିଦ୍ୟାଳୟ, ନୟାଗଡ଼
ମୋ: ୮୨୬୦୭୬୯୪୦୬

### ସକାଳର ଶୋଭା

**ସୂ**ରୁଯ ଦେବତା ପୂରୁବ ଦିଗରେ
ହସି ହସି ପରା ଉଇଁଲେଣି,
ଚିକିଚିକି ପକ୍ଷୀ ଡେଣା ଝାଡ଼ି ଝାଡ଼ି
ଆକାଶ ଛାତିକୁ ଛୁଇଁଲେଣି।
ଚିକିମିକି ଖରା ସତେ ମଧୁଝରା
ମାଟି ଅଗଣାରେ ମିଶିଲାଣି,
ସରଗୁ ମରତ ସାରା ଚଉଦିଗ
ଧୋବ ଫରଫର ଦିଶିଲାଣି।
ନାନା ଜାତି ଫୁଲେ ସଜେଇହୋଇକି
ବାଡ଼ି ବଗିଚା ତ ବାସିଲାଣି,
ପରଜାପତିଟି ଗୀତ ଗାଇଗାଇ
ଧୀରେଧୀରେ ପରା ଆସିଲାଣି।
ଛୁଆଠାରୁ ବଡ଼ ସଭିଏଁ ହରଷ
କୋଳାହଳ କେତେ ଲାଗିଲାଣି,
ସବୁରି ମନରେ ସୁଖ ସପନର
ନୂଆ ନୂଆ ଆଶା ଜାଗିଲାଣି।
ସକାଳର ଶୋଭା କେଡ଼େ ମନଲୋଭା
ସରାଗେ ଆଶିଷ ଢାଳିଲାଣି,
ମାଟିମାଆ ପରା ଶାଗୁଆ ଶାଢ଼ିରେ
ଖୁସିର ଦୀପାଳି ଜାଳିଲାଣି।

**-ଶରତ କୁମାର ଦାସ**
ବଡ଼ବିଲ ମହାବିଦ୍ୟାଳୟ,
କେନ୍ଦୁଝର ମୋ: ୮୨୪୯୧୩୭୦୯୧

### ହେମନ୍ତ ସକାଳ

**ଘା**ସଫୁଲ ପରେ ମୁକୁତା ସମାନ
କାକର ପଡ଼ିଚି ଖସି
ବାସ ଚହଟାଇ ଗଛଡାଳେ ଫୁଲ
ଟିକିଏ ଦଉଚି ହସି।
ମାଟି ସରାଗରେ ପିନ୍ଧିଚି ଗଳାରେ
ଫସଲ ମୋତିର ମାଳି
ଜହ୍ନ ଲିଭିଲାଣି ଆକାଶ ଛାତିରେ
ଆଲୋକ ରୋଶଣିଜାଳି।
ଅଳପ ଶୀତକୁ ଖାତିର ନ କରି
ବୋଉ ନିଦଭାଙ୍ଗି ଉଠେ
ଗାଧୁଆ ସାରିକି ଗାଆଁ ଦେଉଳକୁ
ଭୋଗ ଦୀପ ଧରି ଛୁଟେ।
ହେମନ୍ତ ସକାଳ ଅତି ମନୋହର
ସେ ଛବି ରହଇ ଲାଖି
ଗଛେ ହସୁଥାଏ ଫୁଲ ବାସୁଥାଏ
ଦେହରେ ଅତରମାଖି।

**-ପ୍ରଶାନ୍ତ କୁମାର ଦାଶ**
କୁଞ୍ଜର ସଙ୍ଗଳାଇ, ପିପିଲି, ପୁରୀ
ମୋ: ୯୬୬୮୮୨୨୧୯୦



## ଏଥରର



### କେଉଁଟି ଅଲଗା

- ନଦୀ, ହ୍ରଦ, ଜଙ୍ଗଲ, ସମୁଦ୍ର, ଝରଣା
- ଚୌକି, ଆସନ, ଟେବୁଲ, ଖଟ, ସୋଫା
- ପାକସ୍ଥଳୀ, ହୃତପିଣ୍ଡ, ବୃକକ୍, ଫୁସ୍‌ଫୁସ୍, ଆଖି
- କ୍ୟାରମ୍, ହକି, କ୍ରିକେଟ, ବ୍ୟାଡମିଣ୍ଟନ, ଟେନିସ
- କଇଁଚି, ଛୁରି, ପନିକି, ବ୍ଲେଡ୍, ହାତୁଡି

### ଗତଥରର ଉତ୍ତର

- ବନବାସ ପରେ ରାମ ଓ ସୀତା ଅଯୋଧ୍ୟା ଫେରିଥିଲେ
- ନାରକାସୁର
- ଦୀପାବଳି
- ତାମିଲନାଡୁ
- ଭାଇଦୁଜ୍

## କହିଲ ଦେଖି

**ଶୀ**ତଳ ପରଶ ପରଷିଦିଏ
ମଥା ଅବନତ କରି ଚାଲୁଥାଏ ମୁହିଁ
ଉପରକୁ ମୁହଁ କଲେ ଚାଲି ନ ପାରଇ।
ଦୁନିଆକୁ ଶିକ୍ଷା ଦିଏ ହେବା ପାଇଁ ନମ୍ର
କିଏ ଜାଣିଅଛ ମୋର କହିଦିଅ ନାମ ?



**ଉତ୍ତର- କଲମ**

**ବ**ନ୍ଧୁଟିଏ ତୁମର ମୁଁ ପାଖେ ପାଖେ ଥାଏ
ଅଚିହ୍ନା ଲାଗଇ ପୁଣି ସହାୟକ ହୁଏ।
ଉତ୍ତମ ମାଧ୍ୟମ ମୁହିଁ ମନୋରଞ୍ଜନର
ଗୀତ ଗପ କାହାଣୀର ଅଟେ ଗନ୍ତାଘର।
ଜାଣିଛ କି ନାମ ମୋର କହି ଦିଅ ମୋତେ ?
ଯିଏ କହିଦେବ ମୁହିଁ ଥିବି ତା'ର ହାତେ।



**ଉତ୍ତର- ବହି**

**ଉ**ତ୍ତମ ବନ୍ଧୁଟେ ମୁହିଁ ପେନ୍‌ସିଲର
ଥାଏ ପାଖେ ପାଖେ ତା'ର ନ ଯାଏ ଦୂର।
ଭୁଲ୍ କରିଦେଲେ ସେହି ଲିଭାଏ ମୁହିଁ
ମୋର ନାମ କିଏ ଏବେ ପାରିବ କହି ?



**ଉତ୍ତର- ରବର**

**-ପ୍ରଶାନ୍ତ କୁମାର ସାହୁ**
ଇନ୍ଦିପୁର, ଢେଙ୍କାନାଳ
ମୋ: ୯୭୭୭୦୯୦୦୫୬

# ଜଣା ଅଜଣା

## ଟର୍କି ଦୌଡ଼ିବାକୁ ଅଧିକ ପସନ୍ଦ କରେ

ଟର୍କି ଉଡ଼ିବା ଅପେକ୍ଷା ଦୌଡ଼ିବାକୁ ଅଧିକ ପସନ୍ଦ କରେ । ଟର୍କି ପକ୍ଷୀଙ୍କର ସାଧାରଣତଃ ଦୁଇଟି ପ୍ରଜାତି ଦେଖାଯାନ୍ତି । ପ୍ରଥମଟି ଜଙ୍ଗଲୀ ଆଉ ଦ୍ୱିତୀୟଟି ପାଳିତ । ଉତ୍ତର ଆମେରିକାର ପ୍ରମୁଖ ପକ୍ଷୀ ଭାବେ ଏହା ପରିଗଣିତ । ଏହା ପେରୁପକ୍ଷୀ ନାମରେ ବି ଖୁବ୍ ଜଣାଶୁଣା । ଜଙ୍ଗଲୀ ଟର୍କିର ଜୀବନ କାଳ ୧୦ବର୍ଷ ହୋଇଥିବା ବେଳେ ପାଳିତ ଟର୍କିର ଜୀବନକାଳ ୫-୭ମାସ ହୋଇଥାଏ ।



## ରାତିରେ ସକ୍ରିୟ ରୁହନ୍ତି

ସନ୍ଧ୍ୟା ଏବଂ ରାତି ସମୟରେ ଅଧିକ ସକ୍ରିୟ ରୁହନ୍ତି ଆନାକୋଣ୍ଡା । ଏମାନଙ୍କର ପାଣିରେ ଅଧିକ ସମୟ ବିତିଥାଏ । ଆଉ ପାଣିରେ ହିଁ ଏମାନେ ଅଧିକ ଶିକାର କରନ୍ତି । ଗୋଟିଏ ଆନାକୋଣ୍ଡାର ଓଜନ ପ୍ରାୟ ୫୫୦ପାଉଣ୍ଡ । ଏମାନେ ବଞ୍ଚିଥିବା ପର୍ଯ୍ୟନ୍ତ ବଢ଼ିଥାନ୍ତି । ଜଙ୍ଗଲରେ ୧୦-୧୨ବର୍ଷ ବଞ୍ଚିଥିବା ବେଳେ ପିଞ୍ଜରା ଭିତରେ ୩୦ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ।



## ହିଂସ୍ର ପ୍ରବୃତ୍ତିର କୁକୁର

ବିଶ୍ୱର ସବୁଠୁ ହିଂସ୍ର କୁକୁର ପିଟ୍‌ବୁଲ୍ ଟେରିୟରକୁ କୁହାଯାଏ । ଏମାନେ ଯାହାକୁ ଆକ୍ରମଣ କରନ୍ତି ତାକୁ ସହଜରେ ଛାଡନ୍ତିନି । ପିଟ୍‌ବୁଲ୍ ପ୍ରଜାତିର କୁକୁର ଆମେରିକାରେ ବେଶୀ ଦେଖାଯାନ୍ତି । ଏମାନେ ସବୁବେଳେ ନିଜକୁ ଶତ୍ରୁଙ୍କଠାରୁ ସତର୍କ ଏବଂ ଜାଗ୍ରତ ରଖନ୍ତି ।





## ପାଣି ଭିତରେ ବିନା ନିଃଶ୍ୱାସରେ ଅଧିକ ସମୟ ରହିପାରେ

ନିଃଶ୍ୱାସ ପ୍ରଶ୍ୱାସ ନ ନେଇ ପାଣିରେ ରହିପାରେ ହିପୋ । ଜାଣି ଆଶ୍ଚର୍ଯ୍ୟ ହେବେ ହିପୋ ପାଣିରେ ପହଁରି ପାରେ ନାହିଁ । କିନ୍ତୁ ଏମାନଙ୍କ ଅଧିକାଂଶ ସମୟ ପାଣିରେ ବିତିଥାଏ । ଏମାନଙ୍କୁ ପାଣିରେ ରହିବାକୁ ଅଧିକ ପସନ୍ଦ । ସେଥିପାଇଁ ଏମାନଙ୍କୁ ରିଭର ହର୍ସ ମଧ୍ୟ କୁହାଯାଏ ।



## କୁମ୍ଭୀର ପଥର ଗିଳନ୍ତି

କୁମ୍ଭୀର ପାଣିରେ ବହୁତ ଗଭୀରକୁ ଯିବାକୁ ଥିଲେ ପଥର ଗିଳି ଦିଅନ୍ତି । ଫଳରେ ଏମାନଙ୍କ ଓଜନ ବଢ଼ିଯାଏ । ଆଉ ସହଜରେ ପାଣିର ଗଭୀରକୁ ଯାଇପାରନ୍ତି । ଗୋଟିଏ କୁମ୍ଭୀର ପ୍ରାୟ ୧୦୦ବର୍ଷ ବଞ୍ଚିଥାଏ ।

# ଆ ଇ ନା



ଦେବାଂଶୀ ଦାସ
୫ ବର୍ଷ / କଟକ



ଆରାଧ୍ୟା ସ୍ୱାଇଁ
୮ ବର୍ଷ / ଭୁବନେଶ୍ୱର